ପ୍ଲାଟ୍‌ଫର୍ମ

ତାଙ୍କ ପାଖରେ ସିବିଆଇ, ପୁଲିସ୍, ଇଡି, ଇନ୍‌କମ୍ ଟ୍ୟାକ୍ସ, ଆଇଏଏସ୍, ଏସିବି ସବୁ କିଛି ଅଛି । ତଥାପି ସେମାନେ ଏତେ ଭୟଭୀତ କାହିଁକି ? ଆମ ପାଖରେ ସତ୍ୟ, ଆତ୍ମବଳ ରହିଛି ଆଉ ମୁହଁରେ ଖୁସିର ହସ । ସତ୍ୟ ସବୁଠୁ ବଡ଼ ଶକ୍ତି ।
-ଅରବିନ୍ଦ କେଜ୍ରିୱାଲ୍, ଦିଲ୍ଲୀ ମୁଖ୍ୟମନ୍ତ୍ରୀ @ArvindKejriwal

NITIDIN
ନିତିଦିନ

ତ୍ରିମତ | 'ବିମାରୁ' ରୁ ଓଡ଼ିଶା ବାଦ୍

ବିକାଶ ପାଇଁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଅନାବଶ୍ୟକ

ରାଜ୍ୟ ବଜେଟ୍‌ର ୮୦ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ରାଜନୀତିକ, ସାମାଜିକ ଓ ଆର୍ଥିକ ବିକାଶକୁ ଆଧାର କରି ଓଡ଼ିଶା ଆଉ "ବିମାରୁ" ରାଜ୍ୟ ହୋଇରହି ନାହିଁ ବୋଲି କହିଛନ୍ତି । ୧ କୋଟି ୭୭ ଲକ୍ଷ ଟଙ୍କା ସମୁଦାୟ ବଜେଟ୍‌ରୁ ଏବେ ରାଜ୍ୟର ବଜେଟ୍ ପରିମାଣ ୧ଲକ୍ଷ ୨୦ ହଜାର ୨୮ କୋଟିରେ ପହଞ୍ଚିବା ନିହାତି ଭାବେ ଏକ ସ୍ମରଣୀୟ ପ୍ରଗତି ବୋଲି ମଧ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶିତ ପୁସ୍ତିକାରେ ମନେ ପକାଇ ଦିଆଯାଇଛି । ଅବଶ୍ୟ ଆମେ ସ୍ୱାସ୍ଥ୍ୟ, ଶିକ୍ଷା, ମାତୃ ମୃତ୍ୟୁହାର, ଶିଶୁ ମୃତ୍ୟୁହାରରେ ଅନେକ ସଫଳତା ପାଇଛୁ । ଏହା ବି ସତ ଯେ, ଆମର ଆର୍ଥିକ ନିଆଣ୍ଠିଆ ପରିସ୍ଥିତି ଏବେ ଏମିତି ଜଟିଳ ନାହିଁ ଯାହାକୁ ଆମେ ପରିଚାଳନା କରିବାରେ ବିଫଳ ହେବୁ । ତଥାପି ବିକାଶ ସବୁସ୍ଥାନରେ ପହଞ୍ଚିନି । ସମନ୍ୱିତ ବିକାଶ ସ୍ୱପ୍ନ ହୋଇ ରହିଛି । ଓଡ଼ିଶାର ଶାସକ ଦଳ ଏଥିପାଇଁ କେନ୍ଦ୍ର ସରକାରଙ୍କୁ ଅନେକ ପରିମାଣରେ ଦାୟୀ କରିଛି । ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ପ୍ରଦାନ ପାଇଁ ଦାବି ହୋଇଛି । ପ୍ରଶ୍ନ ଉଠୁଛି ଯଦି ଆମେ ଆଉ 'ବିମାରୁ' ରାଜ୍ୟମାନଙ୍କ ପରିସ୍ଥିତିରୁ ଯଥେଷ୍ଟ ଊର୍ଦ୍ଧ୍ୱକୁ ଉଠି ପାରିଛୁ ତେବେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି ଅନାବଶ୍ୟକ କି ? ଅବଶ୍ୟ ନୀତି ଆୟୋଗ ଗଠନ ପରେ ଏହି ପରିଭାଷାକୁ ଉଠାଇ ଦିଆଯାଇଛି ; କିନ୍ତୁ ଏଥିପାଇଁ ଦାବି କରିବାରେ ହେଳା ହୋଇନାହିଁ ।

ପରସ୍ପର ବିରୋଧୀ ଆଚରଣ

ଦିଲ୍ଲୀପ ଶତପଥି
ସାମ୍ବାଦିକ

ଓଡ଼ିଶା ରାଜ୍ୟ କେବେ 'ବିମାରୁ' ରାଜ୍ୟଗୁଡ଼ିକ ଭିତରେ ଆସୁ ନଥିଲା । ବିମାରୁ କହିଲେ ଆମେ ବିହାର, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଉତ୍ତର ପ୍ରଦେଶକୁ ବୁଝୁ । କିନ୍ତୁ ଓଡ଼ିଶାର ପରିସ୍ଥିତି ଏମିତି ରହିଥିଲା ଯେ ଆମ ରାଜ୍ୟକୁ ଏହି ପାହ୍ୟା ସହ ତୁଳନା କରାଯାଉଥିଲା । ଏଣୁ ଏବେ ମୁଖ୍ୟମନ୍ତ୍ରୀ ଓଡ଼ିଶା ଆଉ ବିମାରୁ ରାଜ୍ୟ ତାଲିକାରେ ନାହିଁ ବୋଲି କହିବାରେ ଅର୍ଥ ରହୁନାହିଁ । ଅପରପକ୍ଷେ ଓଡ଼ିଶା ଯଦି ବିମାରୁ ବର୍ଗରୁ ଉପରକୁ ଉଠି ଗଲାଣି ତେବେ ରାଜ୍ୟର ବିକାଶ ପାଇଁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟାର କୌଣସି ଆବଶ୍ୟକତା ନାହିଁ । ଯଦି ତାହା କରନ୍ତି ତେବେ ରାଜ୍ୟ ସରକାର ପରସ୍ପର ବିରୋଧୀ ନୀତି ଆପଣାଉଛନ୍ତି ବୋଲି ବିଚାର କରିବାକୁ ହେବ ।

ଏହା ସତ ଯେ, ଓଡ଼ିଶାରେ ଦାରିଦ୍ର୍ୟ ପରିମାଣ ହ୍ରାସ ପାଇଛି । ନୀତି ଆୟୋଗଙ୍କ ରିପୋର୍ଟ ଅନୁସାରେ ୨୦୦୪-୦୫ ଆର୍ଥିକ ବର୍ଷରେ ୫୭.୧ ପ୍ରତିଶତ ଜନସାଧାରଣ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବେଳେ ୨୦୧୧-୧୨ରେ ତାହା ୩୨.୬%କୁ ଖସି ଆସିଥିଲା । ଅର୍ଥାତ୍ ୨୪.୬ ପ୍ରତିଶତ ଲୋକଙ୍କ ଆର୍ଥିକ ପ୍ରଗତି ହୋଇଥିଲା । ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଭାବେ ଗ୍ରହଣ କରାଯାଉଛି । ଆମେ ଶିଶୁ ଓ ମାତୃମୃତ୍ୟୁହାର ରୋକିବାରେ ଯଥେଷ୍ଟ ଆଗକୁ ଯାଇଛୁ । ଜାତୀୟ ହାରକୁ ବି ଟପିଛୁ । କିନ୍ତୁ ସାମାଜିକ କ୍ଷେତ୍ର ଏବେ ବି ଅବହେଳିତ । ସ୍ୱାସ୍ଥ୍ୟ କ୍ଷେତ୍ରରେ ଆମେ ଜିଡିପିର ୩ ପ୍ରତିଶତ ବଜେଟ୍ ବ୍ୟବସ୍ଥା କରିପାରୁ ନାହୁଁ । ପ୍ରାଥମିକ ଶିକ୍ଷା ବିପର୍ଯ୍ୟସ୍ତ ହୋଇଛି । ଜିଡିପିର ୬ ପ୍ରତିଶତ ଏଥିପାଇଁ ବ୍ୟବସ୍ଥା ହୋଇପାରୁ ନାହିଁ । ଦିନକୁ ଦିନ ଅଧିକ ଲୋକଙ୍କୁ ଖାଦ୍ୟ ସୁରକ୍ଷା ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରାଯାଉ ବୋଲି ଆମେ ଦାବି କରୁଛୁ । ସବୁ ଘରକୁ ବିଜୁଳି, ପିଇବା ପାଣି ପହଞ୍ଚିପାରି ନାହିଁ । ଆମକୁ ସମନ୍ୱିତ ବିକାଶ ପ୍ରତି ଗୁରୁତ୍ୱ ଦେବା କୁ ହେବ । ବଜେଟ୍ ପରିମାଣ ବୃଦ୍ଧି ପାଇଛି ବୋଲି ଖୁସି ହେବାର କାରଣ ନାହିଁ । ସାମାଜିକ କ୍ଷେତ୍ରରେ ଖର୍ଚ୍ଚର ପରିମାଣ ଦେଖିଲେ ଆମେ ଜାତୀୟ ହାରଠାରୁ ଯଥେଷ୍ଟ ପଛରେ ପଡ଼ିଛୁ । ଏଣୁ ଏଥିପ୍ରତି ଧ୍ୟାନ ଦେବାକୁ ହେବ ।

ଟିକେ ଛତିଶଗଡ଼ ସହ ତୁଳନା କରନ୍ତୁ ତ !

ନଟବର ଖୁଣ୍ଟିଆ
ସ୍ତମ୍ଭକାର

ଆମ ସମୁଦାୟ ବଜେଟ୍ ପରିମାଣ ୧ଲକ୍ଷ ୨୦ ହଜାର କୋଟିରୁ ସାମାନ୍ୟ ଅଧିକ ହେଲା ବୋଲି ଆମେ ଖୁସିବ୍ୟକ୍ତ କରୁଛୁ । ଏହାକୁ ଭିତ୍ତିକରି ଆମେ 'ବିମାରୁ' ରାଜ୍ୟ ପାହ୍ୟାରୁ ହଟିଲୁ ବୋଲି ମଧ୍ୟ ପ୍ରଚାର କରୁଛୁ । ଏହା ସରକାରଙ୍କ ଏକ ସକରାତ୍ମକ ଦିଗ ଭାବେ ଦେଖାଯାଉଛି । ଏହି ଦୃଷ୍ଟିରୁ ଆମେ ଆଉ ଦରିଦ୍ର୍ୟ ରାଜ୍ୟ ବୋଲି ବାହାରେ ନକହିବା ଦରକାର । କିନ୍ତୁ ବାସ୍ତବରେ କ'ଣ ସ୍ଥିତି ସେଇଆ ? ଏ ପରିପ୍ରେକ୍ଷୀରେ ଆମ ସରକାରଠାରୁ ବି କମ୍ ବୟସ ହେବ ଏକ ପଡ଼ୋଶୀ ରାଜ୍ୟର ଅର୍ଥନୀତି ସହ ଟିକେ ତୁଳନା କରାଯାଉ । ଅର୍ଥାତ୍ ଛତିଶଗଡ଼ର ବଜେଟ ଓ ବିକାଶ ବାବଦରେ ଏଠାରେ ଏକ ତୁଳନାତ୍ମକ ଚିତ୍ର ଦିଆଯାଉ ।

ନଭେମ୍ବର ୧, ୨୦୦୦ ମସିହାରେ ଛତିଶଗଡ଼ ଏକ ଆଦିବାସୀ ବହୁଳ ରାଜ୍ୟ ଭାବେ ମଧ୍ୟପ୍ରଦେଶରୁ ଅଲଗା କରାଯାଇ ଗଠନ ହେଲା । ସେତେବେଳେ ଆମ ରାଜ୍ୟରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ସରକାର କ୍ଷମତା ଅକ୍ତିଆର କରିସାରିଥିଲେ । ଏ ଭିତରେ ୧୮ ବର୍ଷ ବିତିଛି, ରାଜନୀତିକ ପରିବେଶରେ କିଛି ପରିବର୍ତ୍ତନ ଘଟି ନାହିଁ । ତଥାପି ମାତ୍ର ଅଢ଼େଇ କୋଟି ଲୋକ ସଂଖ୍ୟା ବିଶିଷ୍ଟ ଛତିଶଗଡ଼ ରାଜ୍ୟ ପାଇଁ ସେଠାକାର ସରକାର ୮୩ହଜାର ୧୭୯ କୋଟି ଟଙ୍କାର ବଜେଟ୍ ଉପସ୍ଥାପନ କରିଥିବା ବେଳେ ଓଡ଼ିଶାର ୪କୋଟି ୨୦ ଲକ୍ଷ ଲୋକଙ୍କ ପାଇଁ ବଜେଟ୍ ପରିମାଣ ହେଉଛି ୧ ଲକ୍ଷ ୨୦ ହଜାର ୨୮ କୋଟି । ଏଠାର ମୁଣ୍ଡପିଛା ବଜେଟ୍ ଖର୍ଚ୍ଚକୁ ଆପଣ ଆକଳନ କରନ୍ତୁ ଯେ, ଓଡ଼ିଶା ସଫଳତା ହାସଲ କରିଛି କି ନା ? ପୁଣି ଛତିଶଗଡ଼ର ଏବର୍ଷର ଋଣ ଭାର ୯ ହଜାର କୋଟି ହୋଇଥିବା ବେଳେ ଆମ ରାଜ୍ୟର ୧୮ ହଜାର କୋଟି । ଅର୍ଥାତ୍ ଆମ ଋଣ ପରିମାଣଠାରୁ ଅଧା । ଏହା ପ୍ରମାଣିତ କରୁଛି ଯେ, ଆମର ଆୟ ଛତିଶଗଡ଼ଠାରୁ କମ୍ । ଆମ ରାଜ୍ୟରେ ୪୮୦ କିଲୋମିଟର ସମୁଦ୍ର ତଟ ଥାଇ ମଧ୍ୟ ଆମର ରପ୍ତାନୀ ଭିତରେ ମୂଳ ହୋଇଛି ଖଣିଜ ଦ୍ରବ୍ୟ । ଯଦି ଅନ୍ୟମାନଙ୍କ ସଫଳତାକୁ ତୁଳନା କରନ୍ତେ ତେବେ ଏଭଳି ମନୋଭାବ ରାଜ୍ୟ ସରକାର ପୋଷଣ କରନ୍ତେ ନାହିଁ ।

ସ୍ୱତନ୍ତ୍ର ମାନ୍ୟତା ନିହାତି ଆବଶ୍ୟକ

ଦିଲ୍ଲୀପ ବିଶୋଇ
ସାମ୍ବାଦିକ

ଓଡ଼ିଶାରେ ଦୀର୍ଘ ବର୍ଷ ହେଲା ଏକ ସ୍ଥିର ସରକାର ରହିଛି । ଆଉ ସେଥିପାଇଁ ଅର୍ଥନୀତି ସୁଦୃଢ଼ ହୋଇ ଚାଲିଛି । ଆମର ବଜେଟ୍ ଖର୍ଚ୍ଚ ପ୍ରତିବର୍ଷ ବଢ଼ିବା ସୂଚନା ଦେଉଛି ଯେ, ଆମେ ଏକ ତ୍ୱରିତ ବିକାଶଶୀଳ ରାଜ୍ୟ । ଆମେ 'ବିମାରୁ' ରାଜ୍ୟ ପରିଧିରେ ଆଉ ଆସୁ ନାହୁଁ ବୋଲି କହିବାର ଅର୍ଥ ଏହା ନୁହେଁ ଯେ, ଓଡ଼ିଶା ଏକ ବିକଶିତ ରାଜ୍ୟ । ଏଣୁ ଆମ ଭଳି ରାଜ୍ୟ ଆଗରେ ଆହ୍ୱାନ ହେଉଛି ବିକାଶ ହାରକୁ ଅପରିବର୍ତ୍ତିତ ରଖିବା ଏବଂ ଦ୍ୱିତୀୟ ଚ୍ୟାଲେଞ୍ଜ ହେଉଛି ଯେଉଁ ବିକଶିତ ରାଜ୍ୟଗୁଡ଼ିକ ରହିଛନ୍ତି ତାଙ୍କ ସମକକ୍ଷ ହେବା ଲାଗି ଉଦ୍ୟମ କରିବା । ଏଥିଲାଗି ପ୍ରଚୁର ପୁଞ୍ଜି ନିବେଶର ଆବଶ୍ୟକତା ରହିଛି । ସେଥିଲାଗି ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ମିଳିବା ଆବଶ୍ୟକ ଏବଂ ଏହା ଏକ ଯୁକ୍ତି ସଙ୍ଗତ ଦାବି ।

ସ୍ୱତନ୍ତ୍ର ମାନ୍ୟତା ମିଳିଲେ ରାଜ୍ୟକୁ ଯେ କେନ୍ଦ୍ରୀୟ ଅନୁଦାନ ବଢ଼ିବ ତାହା ନୁହେଁ ବରଂ ପୁଞ୍ଜି ନିବେଶ ପାଇଁ ନିବେଶକାରୀଙ୍କୁ ପ୍ରୋତ୍ସାହନ ମିଳିବ । ଏହାଦ୍ୱାରା ଏଠାରେ ଶିଳ୍ପ ପ୍ରତିଷ୍ଠା ପ୍ରକ୍ରିୟା ସରଳ ହୋଇପାରିବ । କେନ୍ଦ୍ର ସରକାରଙ୍କ ଭୁଲ୍ ନୀତି ହେତୁ ୫୦ ବର୍ଷ ହେଲା ରାଜ୍ୟରେ ନିବେଶ ପ୍ରକ୍ରିୟାରେ ହାନୀ ଘଟୁଛି । ଅପରପକ୍ଷେ ଏଠାରୁ କଞ୍ଚାମାଲ୍ ନେଇ ଅନ୍ୟ ରାଜ୍ୟରେ କାରଖାନା ସ୍ଥାପିତ ହେଉଛି । ଯଦି ଓଡ଼ିଶାରେ ତାହା ହୋଇପାରନ୍ତା ତେବେ ଆମେ ଉଭୟ କ୍ଷେତ୍ରକୁ ସାଙ୍ଗରେ ନେଇ ଏକ ସମନ୍ୱିତ ବିକାଶ ହାସଲ ଦିଗରେ ଅନୁପ୍ରାଣିତ ହୋଇପାରନ୍ତୁ । ଯେତେ ଶିଳ୍ପ ପ୍ରତିଷ୍ଠା ତଥା ପୁଞ୍ଜି ନିବେଶ ହେବ ତାହାଦ୍ୱାରା ରାଜସ୍ୱ ଆଦାୟ କ୍ଷେତ୍ର ସେତିକି ବଢ଼ିବ । ଛତିଶଗଡ଼ର ବିକାଶ ପ୍ରକ୍ରିୟା ଓ ଓଡ଼ିଶାର ବିକାଶ ଧାରାକୁ ତୁଳନା କରାଯିବା ଅନୁଚିତ । କାରଣ ଛତିଶଗଡ ନୂଆ ରାଜ୍ୟ ଭାବେ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ୍ ପାଇଁ ନିଜର ଭବିଷ୍ୟତ ଖୋଜୁଥିବା ବେଳେ ଓଡ଼ିଶା ମହାବାତ୍ୟାରେ ଅତୀତକୁ ସାଉଁଟୁଥିଲା । ଅପରପକ୍ଷେ ସେମାନଙ୍କ ବଜେଟ୍ ପରିମାଣ ଲୋକସଂଖ୍ୟା ତୁଳନାରେ ଆମଠୁ ଅଧିକ ବୋଲି କହି ତୁଳନା କଲେ ଆପଣ ଗୁଜରାଟକୁ ଓଡ଼ିଶା ସହ ତୁଳନା କରିବାକୁ ହେବ ।

ଆପଣ ଏ ପ୍ରସଙ୍ଗରେ ଇ-ମେଲ୍ nitidinedit@gmail.com ଜରିଆରେ ନିଜର ମତାମତ ଦେଇପାରିବେ ।

ଉପସ୍ଥାପନା: ହରିହର ପଣ୍ଡା

ଟ୍ୱିଟ୍ @nitidintoday

ତୃଣମୂଳସ୍ତରର କାର୍ଯ୍ୟକର୍ତ୍ତାମାନେ ହେଉଛନ୍ତି କଂଗ୍ରେସ ପାର୍ଟିର ହୃଦୟ ଏବଂ ଆତ୍ମା । ସେମାନେ ହେଉଛନ୍ତି ଆମ ପଦାତିକ, ଯେଉଁମାନେ ଆମ ପାର୍ଟିକୁ ସମ୍ମାନ କରନ୍ତି ତଥା ସ୍ୱାର୍ଥବିହୀନ ସେବା ପ୍ରଦାନ କରନ୍ତି ।
-ରାହୁଲ୍ ଗାନ୍ଧି, କଂଗ୍ରେସ ସଭାପତି
@RahulGandhi

ବିଶ୍ୱ ଶିଶୁଶ୍ରମ ବିରୋଧୀ ଦିବସ ଅବସରରେ ଓଡ଼ିଶାର ୨ ଲକ୍ଷ ନିରୀହ ଶିଶୁଙ୍କ କଥା ଚିନ୍ତା କରିବା ଆବଶ୍ୟକ, ଯେଉଁମାନେ ନବୀନ ପଟ୍ଟନାୟକ ସରକାରଙ୍କ ଭୁଲ୍ ନୀତିରୁ ଶ୍ରମିକ ହେବାକୁ ବାଧ୍ୟ ହୋଇଛନ୍ତି । ସେମାନଙ୍କ ଭବିଷ୍ୟତକୁ ନଷ୍ଟ କରିଦିଆଯାଇଛି ।
-ନିରଞ୍ଜନ ପଟ୍ଟନାୟକ, ପିସିସି ସଭାପତି
@NPatnaikOdisha



ଲକ୍ଷ୍ନୌରେ ୧୦୦୦ ବର୍ଷର ଏକ ମନ୍ଦିର ନିଜର ଆରତି ସ୍ଥଳରେ ୫୦୦ ମୁସଲ୍‌ମାନଙ୍କ ପାଇଁ ଇଫ୍‌ତାର ଆୟୋଜନ ସହ ନମାଜ ପାଠ ପାଇଁ ସହଯୋଗ କରିଥିଲା । ମୁସଲ୍‌ମାନମାନେ ମଧ୍ୟ ମସ୍‌ଜିଦ୍‌ରେ ହିନ୍ଦୁ ପୂଜାର୍ଚ୍ଚନା ପାଇଁ ସୁଯୋଗ ସୃଷ୍ଟି କରନ୍ତୁ । ଶାନ୍ତି ଏବଂ ଏକତା ଦୁଇ ପକ୍ଷରୁ ପ୍ରବାହିତ ହେବା ଉଚିତ ।
-ତସ୍‌ଲୀମା ନସ୍‌ରୀନ, ଲେଖକ
@taslimanasreen

ଯଦି ଦିଲ୍ଲୀ ସରକାରୀ କର୍ମଚାରୀମାନେ ସରକାରଙ୍କ ବୈଠକକୁ ପ୍ରତ୍ୟାଖ୍ୟାନ କରୁଛନ୍ତି ଏବଂ ୩ ମାସ ହେଲା ଏ ବାବଦରେ କୌଣସି ହସ୍ତକ୍ଷେପ କରାଯାଉ ନାହିଁ ତେବେ କିଛି ନା କିଛି ବଡ଼ ଧରଣର ସମସ୍ୟା ହୋଇଛି । ଅଫିସରମାନେ କୌଣସି ଦଳର ନୁହନ୍ତି ।
-ରାଜଦୀପ ସରଦେଶାଇ, ସାମ୍ବାଦିକ
@sardesairajdeep



ସରକାରରେ ଲ୍ୟାଟେରାଲ୍ ଏଣ୍ଟ୍ରି ଏକ ନୂଆ ବିଷୟ । ଏହି ଚିନ୍ତାଧାରାକୁ ମୁଁ ସମର୍ଥନ କରୁଛି । ଏହାଦ୍ୱାରା ଅନେକ ମହାନ ପ୍ରଫେସ୍‌ନାଲ୍, ଯେଉଁମାନେ ରାଜନୀତିକୁ ଡରନ୍ତି ; କିନ୍ତୁ ଲୋକଙ୍କ ସେବା କରିବା ଲାଗି ଚାହାନ୍ତି ସେମାନଙ୍କ ପ୍ରବେଶ ହେବ । କିନ୍ତୁ ସେମାନଙ୍କ ନିରପେକ୍ଷ ଚୟନ କେମିତି ହେବ ?
-ବରଖା ଦତ୍ତ, ସାମ୍ବାଦିକ @BDUTT

ବନ୍ଧୁମାନଙ୍କଠାରୁ ଦୂରେଇ ଯିବା ବିଜେପି ପାଇଁ ଉଚିତ ରାଜନୀତି ନୁହେଁ । ଯେତେବେଳେ ବିରୋଧୀମାନେ ଏକାଠି ହୋଇ କେବଳ ବିଜେପିକୁ ହରାଇବା ପାଇଁ ନିର୍ଣ୍ଣୟ କରିଛନ୍ତି ; ବିଜେପି ତାହାର ଏନ୍‌ଡିଏ ବନ୍ଧୁ ଦଳଙ୍କୁ ଏକାଠି ନେବା ଆବଶ୍ୟକ ।
-ନିସ୍ତୁଲା ହେବାର, ସାମ୍ବାଦିକ
@nistula

ଖୋଲାମଞ୍ଚ

ଅବ୍ୟବସ୍ଥିତ ବ୍ୟାଙ୍କ୍ ବ୍ୟବସ୍ଥା

ଶଶିଭୂଷଣ ରଥ, ଶିକ୍ଷାବିତ୍

ଭାରତର ଅଧିକାଂଶ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ରହିଥିବା ଅବ୍ୟବସ୍ଥା ସାମ୍ନାକୁ ଆସିବାରେ ଲାଗିଛି । ସତେ ଯେମିତି ବ୍ୟାଙ୍କଗୁଡ଼ିକ ଏବେ ପରସ୍ପର ମଧ୍ୟରେ ପ୍ରତିଯୋଗୀତାରେ ଲିପ୍ତ । କେତେ ପରିମାଣର ଠକେଇ ହେବ ଏବଂ କିଏ କେତେ ଚର୍ଚ୍ଚାରେ ରହିବ । ହୀରା ବ୍ୟବସାୟୀ ନୀରବ୍ ମୋଦିଙ୍କ ବୃହତ ବ୍ୟାଙ୍କ୍ ଠକେଇ ପରେ ଓବିସି ବ୍ୟାଙ୍କ୍‌ରୁ ୧୫୫ କୋଟି ଠକେଇ ହେବା ପରେ ଏହି ତାଲିକାରେ ଆଉ ଏକ ବ୍ୟାଙ୍କ୍ ଯୋଡ଼ି ହୋଇସାରିଛି । ବ୍ୟାଙ୍କ୍‌ଗୁଡ଼ିକୁ ଡିଜିଟାଇଜେସନ୍ କରାଯିବା ପରେ ବ୍ୟାଙ୍କିଙ୍ଗ୍ ସେବା ଉନ୍ନତ ହେବା ବଦଳରେ ଲାଭାର୍ଜନକାରୀ ଅନୁଷ୍ଠାନରେ ପରିଣତ ହୋଇସାରିଛି । ଜମା ରଖିବା ଏବଂ ଅନ୍ୟାନ୍ୟ ସେବା ପାଇଁ ସେବା ଖର୍ଚ୍ଚ ଦେବାକୁ ପଡୁଛି । ଏପରି ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍‌ଗୁଡ଼ିକରେ ଅନାଦେୟ ହୋଇ ପଡ଼ିରହିଥିବା ଋଣକୁ ସରକାର ଛାଡ଼ କରିବା ସମୟରେ ଏହି ଋଣର ପରିମାଣ ଏକକାଳୀନ ଭାବେ ଜମାଖାତାରୁ ଲିଭାଇ ଦିଆଯାଏ । କିନ୍ତୁ ଋଣ ଦେବାପାଇଁ କମିଶନ୍ ନେଇଥିବା ଉଚ୍ଚ ପଦାଧିକାରୀ ଏବଂ କର୍ମଚାରୀ ସବୁଦିନ ପାଇଁ ଅଦୃଶ୍ୟ ହୋଇ ରହିଯାଆନ୍ତି । ଟଙ୍କା ତ ସୁରକ୍ଷିତ ନୁହେଁ, ଏପରିକି ସୁଧର ପରିମାଣ ମଧ୍ୟ କମିବାରେ ଲାଗିଥିବାରୁ ବ୍ୟାଙ୍କ୍‌ର ବିକଳ୍ପ ବିଷୟରେ ଲୋକେ ଭାବିବା ଆରମ୍ଭ କଲେଣି । ଏହାର ଫାଇଦା ବିଦେଶୀ ସଂସ୍ଥାମାନେ ନେବା ସ୍ୱାଭାବିକ ।

ଭିନ୍ନ ଭିନ୍ନ ସମୟରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ୍ ଗାନ୍ଧିଙ୍କ ମତାମତକୁ ଭିତ୍ତିକରି ସନ୍ଦୀପ ଅଧାରୁଙ୍କ ବ୍ୟଙ୍ଗଚିତ୍ର । (ସୌ: ଟ୍ୱିଟର)

ମୋ ମତରେ

ଓଡ଼ିଆ କଳାକାର ଓ ଆଜିର ସମାଜ

କମଳ ମହାରଣା, ସାମାଜିକ କର୍ମୀ

ଭଗବାନଙ୍କ ପରେ ଯଦି କିଏ ରୂପ ବଦଳାଇପାରେ ସେ ହେଉଛି କଳାକାର । ସେଇ କଳାକାର ନିଜ ଜୀବନର ଦୁଃଖସୁଖକୁ ଠିକ୍ ଭାବରେ ଅନୁଭବ କରିପାରେନି । ନିଜ ପରିବାର ଲୋକଙ୍କୁ ବି ସମୟ ଦେଇପାରେନି । କାରଣ ସାରାଦୁନିଆକୁ ମନୋରଞ୍ଜନ କରିବାର ବୋଝ ସେ ମୁଣ୍ଡେଇଛି । ଦର୍ଶକମାନଙ୍କ ପାଖରେ ଗୋଟେ କଳାକାରର ଜୀବନ ଏକ ଖୋଲା ବହି ପରି । ଦର୍ଶକଙ୍କ ସ୍ୱୀକୃତି ପାଇ କଳାକାର ତା'ର ପରିଚୟ ସୃଷ୍ଟି କରେ । ହେଲେ ସେଇ ଦର୍ଶକ ବେଳ ପଡ଼ିଲେ ଭୁଲ ଠିକ୍ ବିଚାର ନକରି କଳାକାରକୁ କଳଙ୍କିତ କରିବାକୁ ବି ପଛାନ୍ତି ନାହିଁ । ଦିନରାତି ପରିଶ୍ରମ କରି ଦର୍ଶକମାନଙ୍କ ପାଇଁ ମନୋରଞ୍ଜନର ପୁଡ଼ିଆ ତିଆରି କରୁଥିବା କଳାକାରଟିଏ କଳଙ୍କର ଆଘାତରେ କେତେ ଯେ କଷ୍ଟ ପାଉଥିବ, ସେକଥା ଦର୍ଶକ ହୁଏତ କେବେ ଚିନ୍ତା କରି ନଥିବେ ! ଆଉ ଯଦି ଓଡ଼ିଆ କଳାକାରଙ୍କ କଥା କୁହାଯାଏ, ତା'ହେଲେ ବଲିଉଡ୍ କଳାକାରଙ୍କ ପରି ଏଠି ସେତେ ପାରିଶ୍ରମିକ ମିଳେନି କି ତେଲଗୁ କଳାକାରଙ୍କ ଭଳି ମନ୍ଦିର ତିଆରି ହୁଏନି । ନିଜ କଷ୍ଟକୁ ଛାତି ତଳେ ଚାପି ରଖି ଓଳିଏ ଖାଇ ଓଳିଏ ଉପବାସ ରହି କଳାକାରଟିଏ ଦର୍ଶକମାନଙ୍କୁ ମନୋରଞ୍ଜନର ଖୋରାକ୍ ଯୋଗାଇ ଆସିଥାଏ । ଯେଉଁମାନେ ମତ ଦିଅନ୍ତି ଯେ କଳା ଶସ୍ତା ଆଉ କଳାକାର ଶସ୍ତା, ସତଟା ହେଉଛି ସେମାନଙ୍କର ମାନସିକତା ଶସ୍ତା । କଳାକାର ଜୀବନ ଭଗବାନଙ୍କ ଆଶୀର୍ବାଦରୁ ନା ଅଭିଶାପରୁ ବିଚାର ଲୋକମାନେ ହିଁ କରିବେ ।

ଓପିନିଅନ୍ ପୋଲ୍

ଆଜିର ପ୍ରଶ୍ନ
ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦାବିରୁ ଓହରିବା ଦରକାର କି ?

ଯଦି ଆପଣଙ୍କ ଉତ୍ତର ହଁ ତେବେ ଆମକୁ **Y**, ଯଦି ନା ତେବେ **N** ଲେଖି +91 7504762295ରେ ଏସ୍‌ଏମ୍‌ଏସ୍ କିମ୍ବା ହ୍ୱାଟ୍ସଆପ୍ କରନ୍ତୁ ।

ଗତ ଥରର ପ୍ରଶ୍ନ:
ପୁଲିସ୍ ବିଭାଗରେ ଆଇନ ଶୃଙ୍ଖଳା ଓ ଅପରାଧ ତଦନ୍ତ ପ୍ରକ୍ରିୟାକୁ ଅଲଗା କରିବା ପାଇଁ ସମୟ ଆସିଛି କି ?

(ଉତ୍ତର)



ସୋଶାଲ୍ ମିଡିଆରେ 'ନିତିଦିନ'
Twitter @nitidintoday
facebook.com/nitidintoday
email: nitidinedit@gmail.com

ସୋଶାଲ୍ ମିଡିଆରୁ

ସାମ୍ପ୍ରତିକ ରାଜନୀତିରେ ସେବା ସ୍ୱପ୍ନ